# REGIONAL NEWS BULLETINS

## 24 April 2018

## Mid-day Bulletin : 2.32 pm.

---

## ମୁଖ୍ୟ ସମ୍ବାଦ

- ଆଜି ବିଧାନସଭାରେ ପଞ୍ଚାୟତିରାଜ ମନ୍ତ୍ରୀଙ୍କ ଉତ୍ତରକୁ ନେଇ ବିରୋଧୀଙ୍କ ହଙ୍ଗାମା ।

-ଗୃହ ୩ଟା ଯାଏଁ ମୁଲତବୀ

- ଶ୍ରୀମନ୍ଦିରର ଜୟ ବିଜୟ ଦ୍ୱାର ମରାମତି ଆସନ୍ତା ମାସ ପହିଲାରୁ ଆରମ୍ଭ କରିବାକୁ ଏ.ଏସ୍.ଆଇ.କୁ ହାଇକୋର୍ଟଙ୍କ ନିର୍ଦ୍ଦେଶ

- ରାଜ୍ୟ ସରକାରୀ କର୍ମଚାରୀ ଓ ପେନ୍‌ସନ୍ ଭୋଗୀଙ୍କ ମହଙ୍ଗା ଭତ୍ତା ବୃଦ୍ଧି କଲେ ସରକାର

ଏବଂ

- ଆସନ୍ତା ୨୪ ଘଣ୍ଟା ମଧ୍ୟରେ ରାଜ୍ୟର କେତେକ ସ୍ଥାନରେ କାଳବୈଶାଖୀ ସମ୍ଭାବନା

---

ବିଧାନସଭା

ସମ୍ବିଧାନର ଧାରା ୪୦, ୩୪୩ ଏବଂ ପେସା ଅଧିନିୟମ ୧୯୯୬ରେ ଥିବା ବ୍ୟବସ୍ଥା ଅନୁଯାୟୀ ଓଡ଼ିଶା ଗ୍ରାମପଞ୍ଚାୟତ ଆଇନ ୧୯୬୪କୁ ସଂଶୋଧନ କରାଯାଇ ରାଜ୍ୟପାଳଙ୍କ ଅନୁମୋଦନ କ୍ରମେ ଏହାକୁ ରାଜ୍ୟର ସମସ୍ତ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ଲାଗୁ କରାଯାଇଛି ବୋଲି ପଞ୍ଚାୟତିରାଜ ମନ୍ତ୍ରୀ ପ୍ରଦୀପ ମହାରଥୀ ଆଜି ବିଧାନସଭାରେ ଜଣାଇଛନ୍ତି । ବିଧାୟକ ପ୍ରଫୁଲ୍ଲ ମାଝୀଙ୍କ ଏକ ତାରକ ଚିହ୍ନ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ ଶ୍ରୀ ମହାରଥୀ କହିଛନ୍ତି ଯେ ଆଦିବାସୀ ଅଧ୍ୟୁଷିତ ସୁନ୍ଦରଗଡ଼ ଜିଲ୍ଲାରେ ଓଡ଼ିଶା ଗ୍ରାମପଞ୍ଚାୟତ ଆଇନ ଅନୁଯାୟୀ ଗଠିତ ହୋଇଥିବା ଗ୍ରାମସଭାଗୁଡ଼ିକୁ ସରକାର ମାନ୍ୟତ ଦେଇଛନ୍ତି । କିନ୍ତୁ ସୁନ୍ଦରଗଡ଼ ଜିଲ୍ଲାର କିଛି ଅନୁସୂଚିତ ଜନଜାତି ଅଧିବାସୀମାନେ ଓଡ଼ିଶା ଗ୍ରାମ ପଞ୍ଚାୟତ ଆଇନ ୧୯୬୪କୁ ଅବଲମ୍ବନ ନ କରି ସ୍ୱେଚ୍ଛାକୃତ ଭାବେ ୨୬୫ଟି ଗ୍ରାମସଭା ଗଠନ କରିଛନ୍ତି । ଏହି ଗ୍ରାମସଭାଗୁଡ଼ିକରେ ନିର୍ବାଚିତ ସରପଞ୍ଚ ସଭ୍ୟ ନାହାନ୍ତି । ଏ ପ୍ରସଙ୍ଗରେ ଆଲୋଚନା କାଳରେ ବିଧାୟକ ଡକ୍ଟର ପ୍ରଫୁଲ୍ଲ ମାଝୀ, ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ କହିଥିଲେ ଯେ ମନ୍ତ୍ରୀ ପ୍ରସ୍ତୁତ ନ ହୋଇ ଗୃହକୁ ଆସି ଉତ୍ତର ଦେଉଛନ୍ତି ଏବଂ ପଞ୍ଚାୟତିରାଜ ମନ୍ତ୍ରୀ ପ୍ରଦୀପ ମହାରଥୀଙ୍କ ଉତ୍ତରକୁ ବିରୋଧ କରିଥିଲେ । ମନ୍ତ୍ରୀ ଶ୍ରୀ ମହାରଥୀ ଏହାର ବିରୋଧ କରିବାରୁ କଂଗ୍ରେସ ଓ ବିଜେପି ସଭ୍ୟମାନେ ହଟ୍ଟଗୋଳ କରି ଗୃହର ମଧ୍ୟଭାଗକୁ ଚାଲି ଆସିଥିଲେ । ବାଚସ୍ପତିଙ୍କ ଅନୁରୋଧ ସତ୍ତ୍ୱେ ସଭ୍ୟମାନେ ନିଜ

ଆସନକୁ ନ ଯିବାରୁ ବାଚସ୍ପତି ୧୦ଟା ୪୫ରୁ ୧୨ଟା ପର୍ଯ୍ୟନ୍ତ ଏବଂ ପରେ ଦିନ ୩ଟା ପର୍ଯ୍ୟନ୍ତ ଗୃହକୁ ମୁଲତବୀ ଘୋଷଣା କରିଥିଲେ ।

## ବିଧାନସଭା-୨

ଗ୍ରାମ ପଞ୍ଚାୟତଗୁଡ଼ିକର ନିଜସ୍ୱ ଆୟ ବୃଦ୍ଧି ପାଇଁ ସରକାର ଚତୁର୍ଥ ରାଜ୍ୟ ଅର୍ଥ କମିଶନଙ୍କ ଅନୁଦାନରୁ ପ୍ରତ୍ୟେକ ପଞ୍ଚାୟତକୁ ଅନ୍ୟୁନ ୧୦ଲକ୍ଷ ଟଙ୍କା ଲେଖାଏଁ ୨୦୧୫-୧୬ ଠାରୁ ଯୋଗାଇ ଦେବା ପାଇଁ ବ୍ୟବସ୍ଥା କରିଛନ୍ତି ବୋଲି ପଞ୍ଚାୟତିରାଜ ମନ୍ତ୍ରୀ ପ୍ରଦୀପ ମହାରଥୀ ଆଜି ବିଧାନସଭାକୁ ଜଣାଇଛନ୍ତି । ବିଧାୟକ ଭୂଜବଳ ମାଝୀଙ୍କ ଏକ ଲିଖିତ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ ଶ୍ରୀ ମହାରଥୀ ଜଣାଇଛନ୍ତି ଯେ ଏହି ଅନୁଦାନକୁ ବିନିଯୋଗ କରି ପ୍ରତ୍ୟେକ ପଞ୍ଚାୟତ ନିଜର ଆୟ ବୃଦ୍ଧି କରି ପ୍ରକଳ୍ପ ନିର୍ମାଣ କରିପାରିବେ । ସେଗୁଡ଼ିକ ମଧ୍ୟରେ କଲ୍ୟାଣ ମଣ୍ଡପ, ମାର୍କେଟ୍ କଂପ୍ଲେକ୍ସ, ମାଛଚାଷ ପୋଖରୀ, ହାଟପିଣ୍ଡି ଓ ଫଳବଗିଚା ଆଦି ଅନ୍ତର୍ଭୁକ୍ତ । ଏହା ବ୍ୟତୀତ ଓଡ଼ିଶା ଗ୍ରାମପଞ୍ଚାୟତ ଆଇନ ୧୯୬୪ ଏବଂ ସଂଶୋଧିତ ଆଇନ ୨୦୧୬ ଅନୁସାରେ ଗ୍ରାମ ପଞ୍ଚାୟତ ଅଧୀନରେ ସ୍ଥାପିତ ହୋଇଥିବା କୌଣସି କ୍ଷୁଦ୍ର ଶିଳ୍ପ, ଦୂରଭାଷ ମୋବାଇଲ୍ ଟାୱାର, ବ୍ୟବସାୟିକ ବିଜ୍ଞାପନ ହୋର୍ଡିଂ, ଯାନବାହାନ ଟିକସ, ଜଳ ଯୋଗାଣ ଟିକସ, ସାପ୍ତାହିକ ହାଟ, ବୃହତ ବ୍ୟବସାୟିକ ଗୃହ ନିର୍ମାଣ ତଥା ବହୁତଳ ପ୍ରାସାଦ ନିର୍ମାଣ ନକ୍ସା

ମଂଜୁର ପାଇଁ ଟିକସ ଆଦାୟ କରି ନିଜସ୍ୱ ଆୟ ବୃଦ୍ଧି କରିପାରିବେ ବୋଲି ମନ୍ତ୍ରୀ ଶ୍ରୀ ମହାରଥୀ କହିଛନ୍ତି ।

---

## ଶ୍ରୀମନ୍ଦିର ମରାମତି

ପୁରୀ ଶ୍ରୀମନ୍ଦିରର ଜୟ ବିଜୟ ଦ୍ୱାର ମରାମତି ମେ ପହିଲାରୁ ଆରମ୍ଭ କରିବାକୁ ହାଇକୋର୍ଟ ଆଜି ଏ.ଏସ୍.ଆଇ.କୁ ନିର୍ଦ୍ଦେଶ ଦେଇଛନ୍ତି । ମରାମତି ପ୍ରକ୍ରିୟାରେ ଏ.ଏସ୍.ଆଇ.କୁ ଶ୍ରୀମନ୍ଦିର ପ୍ରଶାସନ ସଂପୂର୍ଣ୍ଣ ସହଯୋଗ କରିବାକୁ କୋର୍ଟ ମଧ୍ୟ ନିର୍ଦ୍ଦେଶ ଦେଇଛନ୍ତି । ମୁଖ୍ୟ ବିଚାରପତି ବିନୀତ ଶରଣ ଓ ଡକ୍ଟର ବିଦ୍ୟୁତ୍ ରଂଜନ ଷଡ଼ଙ୍ଗୀଙ୍କୁ ନେଇ ଗଠିତ ଖଣ୍ଡପୀଠରେ ଆଜି ଜଗମୋହନ ମାମଲାର ଶୁଣାଣି ହୋଇଥିଲା । ଯୁକ୍ତି ଉପସ୍ଥାପନ କରି ଏ.ଏସ୍.ଆଇ. ପକ୍ଷରୁ କୁହାଯାଇଥିଲା ଯେ ଆସନ୍ତା ପହିଲାରୁ ଶ୍ରୀମନ୍ଦିରର ଜୟ ବିଜୟ ଦ୍ୱାରର ମରାମତି ଆରମ୍ଭ କରାଯିବ । ଏଥିପାଇଁ ପ୍ରସ୍ତୁତ ନକ୍ସାକୁ ଅନୁମୋଦନ ମିଳିସାରିଛି ଏବଂ ଖର୍ଚ୍ଚ ଆକଳନ ମଧ କରାଯାଇଛି । ଆସନ୍ତା ୨୬ ତାରିଖରେ ହେବାକୁ ଥିବା ଏ.ଏସ୍.ଆଇ.ର କୋର୍ କମିଟି ବୈଠକରେ ଏ ସଂକ୍ରାନ୍ତରେ ଆଲୋଚନା ପରେ ମରାମତି କାର୍ଯ୍ୟ ଆରମ୍ଭ ହେବ । ଏ.ଏସ୍.ଆଇ. ଯୁକ୍ତି ଉପସ୍ଥାପନ ପରେ ପରେ ମେ' ପହିଲାରୁ ଜୟ ବିଜୟ ଦ୍ୱାରର ମରାମତି କାର୍ଯ୍ୟ ଆରମ୍ଭ ହେବା ପାଇଁ ନିର୍ଦ୍ଦେଶ ଦେବା ସହ ଶ୍ରୀମନ୍ଦିର ପାର୍ଶ୍ୱରେ ଥିବା ମନ୍ଦିରଗୁଡ଼ିକର

ମରାମତି ସଂପର୍କରେ ଏକ ଆକଳନ କରିବାକୁ ଏ.ଏସ୍.ଆଇ.କୁ ନିର୍ଦ୍ଦେଶ ଦେଇଛନ୍ତି । ମେ ୧୫ ତାରିଖରେ ମାମଲାରେ ପରବର୍ତ୍ତୀ ଶୁଣାଣି ହେବ ।

## ମହଙ୍ଗା ଭତ୍ତା

ଆଜି ରାଜ୍ୟ ସରକାର ସରକାରୀ କର୍ମଚାରୀମାନଙ୍କ ମହଙ୍ଗା ଭତ୍ତା ୨ ପ୍ରତିଶତ ବୃଦ୍ଧି କରିଛନ୍ତି । ଏହା ଦ୍ୱାରା କର୍ମଚାରୀ ମହଙ୍ଗା ଭତ୍ତା ୫ ପ୍ରତିଶତରୁ ୭ ପ୍ରତିଶତକୁ ବୃଦ୍ଧି ପାଇଛି । ଏହି ବର୍ଦ୍ଧିତ ଭତ୍ତା ପିଛିଲା ଭାବେ ଗତ ଜାନୁୟାରୀ ମାସରୁ ଲାଗୁ ହେବ । ସେହିପରି ସଂଶୋଧିତ ହାରରେ ପେନ୍ସନ୍ ପାଉଥିବା ପେନ୍ସନ୍‌ଧାରୀଙ୍କ ଟି.ଆଇ. ୨ ପ୍ରତିଶତ ବୃଦ୍ଧି ହୋଇଛି ଏବଂ ଅଣସଂଶୋଧିତ ହାରରେ ପେନ୍ସନ୍ ପାଉଥିବା ପେନ୍ସନଧାରୀଙ୍କର ୩ ପ୍ରତିଶତ ଟି.ଆଇ. ବୃଦ୍ଧି କରାଯାଇଛି । ଏହା ଦ୍ୱାରା ରାଜ୍ୟର ୩ଲକ୍ଷ ୫ ହଜାର କର୍ମଚାରୀ ଓ ୨ ଲକ୍ଷ ପେନ୍ସନଭୋଗୀ ଉପକୃତ ହେବେ । ସୂଚନାଯୋଗ୍ୟ ଯେ ଗତ ନଭେମ୍ବର ମାସରେ ମଧ୍ୟ ସରକାରୀ କର୍ମଚାରୀ ଓ ପେନ୍ସନ୍‌ଧାରୀଙ୍କ ପାଇଁ ୧ ପ୍ରତିଶତ ମହଙ୍ଗା ଭତ୍ତା ବୃଦ୍ଧି କରାଯାଇଥିଲା ।

## ପିଏମ୍-ପଞ୍ଚାୟତ

ଜାତୀୟ ପଞ୍ଚାୟତିରାଜ ଦିବସ ଉପଲକ୍ଷେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଜି ମଧ୍ୟପ୍ରଦେଶର ମାଣ୍ଡଲା ଜିଲ୍ଲା ଅନ୍ତର୍ଗତ ରାମନଗରଠାରେ ରାଷ୍ଟ୍ରୀୟ

ଗ୍ରାମସ୍ୱରାଜ ଅଭିଯାନକୁ ଶୁଭାରମ୍ଭ କରିଛନ୍ତି । ଏହି ଅଭିଯାନର ଲକ୍ଷ୍ୟ ହେଲା ଇ-ପଞ୍ଚାୟତ ମିଶନ ପ୍ରକଳ୍ପ ଅଧୀନରେ ଇ-ପ୍ରଶାସନ ଉଦ୍ୟମକୁ ତ୍ୱରାନ୍ୱିତ କରିବା ଏବଂ ପ୍ରଶିକ୍ଷଣ ତଥା ମୌଳିକ ଢ଼ାଞ୍ଚା ନିର୍ମାଣ ପ୍ରତି ଅଗ୍ରାଧିକାର ଦେବା । ମନେରିଠାରେ ଭାରତୀୟ ତୈଳ ନିଗମର ଏଲ୍‌ପିଜି ବଟଲିଙ୍ଗ ପ୍ଲାଣ୍ଟର ଶିଳାନ୍ୟାସ ଉପଲକ୍ଷେ ଶ୍ରୀ ମୋଦି ଏକ ଫଳକ ଉନ୍ମୋଚନ କରିଛନ୍ତି । ପୁରାତନ ଆଦିବାସୀ ସଂସ୍କୃତି ଓ ପରମ୍ପରା ସଂରକ୍ଷଣ ଉପଲକ୍ଷେ ଆୟୋଜିତ ୩ ଦିନିଆ ଆଦି ମହୋତ୍ସବ କାର୍ଯ୍ୟକ୍ରମକୁ ମଧ୍ୟ ଶ୍ରୀ ମୋଦି ଶୁଭାରମ୍ଭ କରିଛନ୍ତି ।

---

## ଭତ୍ତା ବଣ୍ଟନ

ରାଜ୍ୟ ସାମାଜିକ ସୁରକ୍ଷା ଓ ଦିବ୍ୟାଙ୍ଗ ସଶକ୍ତିକରଣ ବିଭାଗ ପକ୍ଷରୁ ଭଦ୍ରକ ଜିଲ୍ଲା ଧାମନଗର ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ୪୦୦ରୁ ଉର୍ଦ୍ଧ୍ୱ ଦିବ୍ୟାଙ୍ଗ, ବାର୍ଦ୍ଧକ୍ୟ, ବିଧବା ଭତ୍ତା ବଣ୍ଟନ କରାଯାଇଛି । ଏହି ଶିବିରରେ ଧାମନଗର ବିଧାୟକ, ପଞ୍ଚାୟତ ସମିତି ଅଧ୍ୟକ୍ଷ ଓ ବିଡ଼ିଓ ଯୋଗ ଦେଇଥିଲେ ।

---

## ସିଏମ୍‌ସି- ବିଜେପି

କଟକବାସୀଙ୍କୁ ମହାନଗର ନିଗମ ବିଭିନ୍ନ ସୁବିଧା ଯୋଗାଇ ଦେବାରେ ବିଫଳ ହୋଇଛି । ମହାନଗରରେ ମହାଦୁର୍ନୀତି ଯୋଗୁଁ ସହରବାସୀ

ଅକଥନୀୟ ହଇରାଣ ହେଉଛନ୍ତି । ନିମ୍ନମାନର ମଶାତେଲ କିଣା ଦୁର୍ନୀତିରେ ସିଏମ୍‌ସିର ବହୁ କର୍ମଚାରୀ ଲିପ୍ତ ଥିବା ବିଜେପି ଅଭିଯୋଗ ଆଣିଛି । ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଆସିଥିବା ଅର୍ଥକୁ ବିନିଯୋଗ କରିବାରେ ଜାଣିଶୁଣି ବିଳମ୍ବ କରାଯାଉଛି ବୋଲି ଅଭିଯୋଗ କରାଯାଇଛି । ମହାନଗରର ବିଭିନ୍ନ ଦୁର୍ନୀତି ଏବଂ ବହୁ ଯୋଜନାର ସଫଳ ରୂପାୟନ ନ ହେବା ବିରୋଧରେ ଆଜି ବିଜେପି ପକ୍ଷରୁ ସି.ଏମ୍.ଏସି. ସମ୍ମୁଖରେ ଲଟ୍‌କା ଜାରି କରାଯାଇଛି । ବରିଷ୍ଠ ବିଜେପି ନେତା ନୟନ କିଶୋର ମହାନ୍ତି ସମୀର ଦେ, ଦିଲ୍ଲୀପ ମଲ୍ଲିକ, ଦିଲ୍ଲୀପ ମହାନ୍ତିଙ୍କ ନେତୃତ୍ୱରେ ବହୁ ବିଜେପି କର୍ମୀ ନେତାଜୀଙ୍କ ଜନ୍ମସ୍ଥାନରୁ ଏକ ଶୋଭାଯାତ୍ରାରେ ବାହାରି ସିଏମ୍‌ସି କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲେ । ସେଠାରେ ଲଟ୍‌କା ଜାରି କରିବା ସହ ବିଜେପି ନେତାମାନେ ସିଏମ୍‌ସି ମହାଦୁର୍ନୀତି ଓ ଅବହେଳା ସଂପର୍କରେ ସେଠାରେ ଆୟୋଜିତ ପ୍ରତିବାଦ ସଭାରେ ଲୋକଙ୍କୁ ବୁଝାଇଥିଲେ ।

## ପାର୍ସଲ ବୋମା ବିସ୍ଫୋରଣ ଘଟଣା

ବହୁ ଚର୍ଚ୍ଚିତ ବଲାଙ୍ଗିର ଜିଲ୍ଲା ପାଟଣାଗଡ଼ ପାର୍ସଲ ବୋମା ବିସ୍ଫୋରଣ ଘଟଣାରେ କ୍ରାଇମ୍‌ବ୍ରାଞ୍ଚ ଆଜି ସୁଦ୍ଧା ୩ ଜଣଙ୍କୁ ଅଟକ ରଖି ପଚରାଉଚରା ଜାରି ରଖିଛି । ଏମାନଙ୍କ ମଧ୍ୟରେ ଭଇଁସା କଲେଜର ଅଧ୍ୟାପକ ପୁଞ୍ଜିଲାଲ ମେହେର ଓ ତାଙ୍କର ଅନ୍ୟ ଦୁଇଜଣ ସହଯୋଗୀ ଅଛନ୍ତି । ଭଇଁସା କଲେଜର ଅଧ୍ୟକ୍ଷା ତଥା ପାର୍ସଲ୍ ବୋମା ବିସ୍ଫୋରଣରେ ମୃତ

ସୌମ୍ୟଶେଖରଙ୍କ ମାଆ ଓ ଅଟକ ଥିବା ଇଂରାଜି ଅଧ୍ୟାପକ ପୁଞ୍ଜିଲାଲ ମେହେରଙ୍କ ମଧ୍ୟରେ ପୁରୁଣା ବିବାଦ ଥିବା ଚର୍ଚ୍ଚା ଜୋର ଧରିଛି । ତେବେ ପାର୍ସଲ୍ ବୋମା ବିସ୍ଫୋରଣ ମାମଲା ସହିତ ପୁଞ୍ଜିଲାଲ ମେହେରଙ୍କ ସଂପୃକ୍ତି ଥିବା ନେଇ ପୁଲିସ୍ ଅଧିକ ଛାନଭିନ୍ କରୁଛି । ଏହି ଘଟଣାରେ ଗତକାଲି ପୁଞ୍ଜିଲାଲଙ୍କ ସମେତ ପାଟଣାଗଡ଼ର ସ୍କାଏ କିଙ୍ଗ୍ ମାଲିକ ଓ ତାଙ୍କ କର୍ମଚାରୀ ଏବଂ ଅନ୍ୟ କେତେକ ଲୋକଙ୍କୁ ପୁଲିସ୍ ଅଟକ ରଖି ପଚରାଉଚରା କରିଛି । ତେବେ ତଲାସି ବେଳେ ପୁଞ୍ଜିଲାଲ୍ଙ୍କ ଘରୁ ସନ୍ଧାନୀ କୁକୁର ସାହାଯ୍ୟରେ ପୁଲିସ୍ କିଛି ବିସ୍ଫୋରକ ଦ୍ରବ୍ୟ ପାଇଥିବା ଜଣାପଡ଼ିଛି । ଅପରପକ୍ଷରେ ଆଜି ସକାଳେ ରାଜ୍ୟ ପୁଲିସ୍ ମହାନିର୍ଦ୍ଦେଶକ ଡକ୍ଟର ରାଜେନ୍ଦ୍ର ପ୍ରସାଦ ଶର୍ମା ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି ଯେ, ପାଟଣାଗଡ଼ ପାର୍ସଲ ବୋମା ବିସ୍ଫୋରଣ ମାମଲାରେ କ୍ରାଇମ୍‌ବ୍ରାଞ୍ଚ୍ ଏବେ ମଧ୍ୟ ତଦନ୍ତ ଜାରି ରଖିଛି । କ୍ରାଇମ୍‌ବ୍ରାଞ୍ଚ୍‌କୁ କେତେକ ଠୋସ୍ ପ୍ରମାଣ ମଧ୍ୟ ମିଳିଛି ।

ଅପରପକ୍ଷରେ ବିସ୍ଫୋରଣରୁ ଅଳ୍ପକେ ବର୍ତ୍ତି ଯାଇଥିବା ମୃତ ସୌମ୍ୟଶେଖରଙ୍କ ପତ୍ନୀ ରିମାରାଣୀ ଆଜି ଗଣମାଧ୍ୟମକୁ କହିଛନ୍ତି ଯେ ଯେଉଁମାନେ ଏହି ଘଟଣାରେ ଦୋଷୀ, ସେମାନଙ୍କୁ ଆଇନତଃ ଫାଶୀଦଣ୍ଡ ଦିଆଯାଉ ।

ସେହିଭଳି ଅଟକ ଥିବା ପୁଞ୍ଜିଲାଲଙ୍କ ପତ୍ନୀ ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି ଯେ ତାଙ୍କ ସ୍ୱାମୀ ନିର୍ଦ୍ଦୋଷ ଏବଂ ସେ ଏଭଳି କାଣ୍ଡ କରିନାହାନ୍ତି ।

## ପାଣିପାଗ

ଆସନ୍ତା ୨୪ ଘଣ୍ଟା ମଧ୍ୟରେ ରାଜ୍ୟର ଉପକୂଳବର୍ତ୍ତୀ ଅଞ୍ଚଳ ଓ ଅନ୍ୟ ଜିଲ୍ଲାଗୁଡ଼ିକରେ କାଳବୈଶାଖୀ ସମ୍ଭାବନା ଥିବା ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି । ସେହିସବୁ ଜିଲ୍ଲାଗୁଡ଼ିକ ହେଲା- ମୟୂରଭଞ୍ଜ, କେନ୍ଦୁଝର, ଯାଜପୁର, ଅନୁଗୋଳ, ଢେଙ୍କାନାଳ ଏବଂ ସୁନ୍ଦରଗଡ। ଏହି ସମୟ ମଧ୍ୟରେ ଘଣ୍ଟାକୁ ୫୦ରୁ ୬୦ କିଲୋମିଟର ବେଗରେ ପବନ ବହିବା ସହ ଝଡ଼ତୋଫାନର ଆଶଙ୍କା ଥିବାବେଳେ ଏହିଭଳି ପାଗ ଆସନ୍ତା ୨୯ ତାରିଖ ପର୍ଯ୍ୟନ୍ତ ଜାରି ରହିବ ବୋଲି ପାଣିପାଗ ବିଭାଗ ପକ୍ଷରୁ ପୂର୍ବାନୁମାନ କରାଯାଇଛି ।